ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୭/୨୦୧୮ (୨୦ ପୃଷ୍ଠା) Bhubaneswar, Friday, July 27 / 2018 | ★★★★★★

# ରେମନ୍ ମାଗସେସେ ଜିତିଲେ ଦୁଇ ଭାରତୀୟ

ମାନିଲା,୨୬।୭(ପି.ଟି.)

ଚଳିତବର୍ଷ ରେମନ୍ ମାଗସେସେ ପୁରସ୍କାର ବିଜୟୀ ହୋଇଥିବା ୬ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଦୁଇ ଭାରତୀୟ। ମୁମ୍ବାଇର ଭରତ ଭଟ୍ଓ୍ୱାନୀ ଏବଂ ଲଦାଖର ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଏସିଆର ନୋବେଲ ପୁରସ୍କାର କୁହାଯାଉଥିବା ରେମନ୍ ମାଗସେସେ ୨୦୧୮ର ବିଜୟୀ ଭାବେ ଘୋଷଣା କରାଯାଇଛି। ରାସ୍ତାକଡ଼ରେ ବୁଲୁଥିବା ମାନସିକ ବିକାରଗ୍ରସ୍ତ ଲୋକଙ୍କ ସେବାରେ ଭରତ ଭଟ୍ଓ୍ୱାନୀ ନିଜକୁ ଉତ୍ସର୍ଗ କରିଥିବାବେଳେ ପ୍ରକୃତି, ସଂସ୍କୃତି ଏବଂ ଶିକ୍ଷା ବଳରେ ଆଞ୍ଚଳିକ ବିକାଶ ପାଇଁ ସୋନମ୍‌ଙ୍କ ଉଦ୍ୟମର ଭୂୟସୀ ପ୍ରଶଂସା କରାଯାଇଛି। ରେମନ୍ ମାଗସେସେ ପୁରସ୍କାରର ଅନ୍ୟତମ ବିଜୟୀମାନେ ହେଲେ ୟର୍କ ଛାଙ୍ଗ (କାମ୍ବୋଡିଆ), ମାରିଆ ଡେ ଲୌର୍ଡେସ୍ ମାର୍ଟିନ୍‌ସ କ୍ରୁଜ୍ (ଇଷ୍ଟ ତିମୁର), ହାଓ୍ୱାର୍ଡ ଡି (ଫିଲାଡେଲ୍‌ଫିଆ) ଏବଂ ଭୋ ଥାଇ ହୋଆଙ୍ଗ ୟେନ୍ ରୋମ୍ (ଭିଏତ୍‌ନାମ)। ସମସ୍ତ ବିଜୟୀ ପ୍ରକୃତରେ ଏସିଆର ଆଶାର ହିରୋ ଏବଂ ଉତ୍ତମ କର୍ମ ମାଧ୍ୟରେ ନିଜ ନିଜ ସମାଜକୁ ନୂତନ ଆଶାର ଆଲୋକ ଦେଖାଇଛନ୍ତି ବୋଲି ରେମନ୍ ମାଗସେସେ ଆଓ୍ୱାର୍ଡ ଫାଉଣ୍ଡେସନ୍‌ର ସଭାପତି କାର୍ମେନ୍‌ସିଟା ଆବେଲା ପ୍ରକାଶ କରିଛନ୍ତି।

ମୁମ୍ବାଇର ଭରତ ଏବଂ ତାଙ୍କ ସ୍ତ୍ରୀ ପ୍ରଥମେ ରାସ୍ତାରେ ବୁଲୁଥିବା ମାନସିକ ରୋଗୀଙ୍କୁ ଉଦ୍ଧାର କରି ବିଭିନ୍ନ କ୍ଲିନିକ୍‌ରେ ଚିକିତ୍ସା କରାଉଥିଲେ। ଏହାପରେ ୧୯୮୮ରେ ସେମାନେ ଶ୍ରଦ୍ଧା ରିହାବିଲିଟେସନ୍ ଫାଉଣ୍ଡେସନ ନାମରେ ଏକ ସଙ୍ଗଠନ ସ୍ଥାପନ କରି ମାନସିକ ରୋଗଙ୍କ ସେବା କରୁଛନ୍ତି। ସେହିପରି ଉତ୍ତର ଭାରତର ଗ୍ରାମାଞ୍ଚଳବାସୀଙ୍କ ଜୀବନ ସୁଧାରିବା ଲାଗି



ଭରତ ଭଟ୍ଓ୍ୱାନୀ ସୋନମ୍ ୱାଙ୍ଗଚୁକ୍

୫୧ ବର୍ଷୀୟ ୱାଙ୍ଗଚୁକ୍‌ଙ୍କ ସ୍ୱତନ୍ତ୍ର ବ୍ୟବସ୍ଥିତ, ସହଯୋଗପୂର୍ଣ୍ଣ ତଥା ଗୋଷ୍ଠୀ ସଂଚାଳିତ ସଂସ୍କାରମୂଳକ ପଦକ୍ଷେପ ବେଶ୍ ସୁଫଳ ଆଣି ଦେଇଥିଲା। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଜ୍ଞାନ ଏବଂ ସଂସ୍କୃତି ଦିଗରେ ସୋନମ୍‌ଙ୍କ ଉଦ୍ୟମ ପାହାଡ଼ିଆ ଲଦାଖ୍ ଅଞ୍ଚଳରେ ସ୍ୱଳ୍ପଗୋଷ୍ଠୀଙ୍କ ଜୀବନ ପରିବର୍ତ୍ତନ କରିଦେଇଛି। ଏହାକରି ସେ ବିଶ୍ୱବାସୀଙ୍କ ସମ୍ମୁଖରେ ସଂଖ୍ୟାଲଘୁଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ରେମନ ମାଗସେସେ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ୧୯୮୮ରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିବା ପରେ ୱାଙ୍ଗଚୁକ୍ 'ଷ୍ଟୁଡେଣ୍ଟ ଏଜୁକେସନ୍ ଆଣ୍ଡ କଲଚରାଲ ମୁଭମେଣ୍ଟ ଅଫ୍ ଲଦାଖ୍' (ଏସ୍‌ଇସିଏମ୍‌ଓଏଲ) ନାମରେ ଏକ କୋଚିଂ ସେଣ୍ଟର ପ୍ରତିଷ୍ଠା କରିଥିଲେ। ତାଙ୍କର ୯୫% ଛାତ୍ରୀଛାତ୍ର ଥାଆନ୍ତି ସରକାରୀ ଚାକିରି ପାଇବାରୁ ବଞ୍ଚିତ ରହିଥିବା ପିଲା। ଅମିର ଖାନଙ୍କ '୩ ଇଡିଅଟ୍ସ'ର ମୁଖ୍ୟ ଚରିତ୍ର ଫୁନ୍‌ସୁକ୍ ୱାଙ୍ଗଡୁ ଚରିତ୍ର ୱାଙ୍ଗଚୁକ୍‌ଙ୍କ ଜୀବନ କାହାଣୀ ଉପରେ ଆଧାରିତ ଥିଲା।